



# ନେତାଜୀ ଜୟନ୍ତୀ ପାଇଁ ଉତ୍ସବମୁଖର ଜନ୍ମପୀଠ





କଟକ, ୨୩ ।୧(ସମିସ):

ଭାରତର ସ୍ୱାଧୀନତା ସଂଗ୍ରାମର ମହାନାୟକ ବିଶ୍ୱବୀର ତଥା ଆଜାଦ୍ ହିନ୍ଦ ଫୌଜର ସ୍ରଷ୍ଟା ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୭ତମ ଜନ୍ମ ଜୟନ୍ତୀ ପାଇଁ ଉତ୍ସବମୁଖର ହୋଇପଡ଼ିଥିଲା ତାଙ୍କର ଜନ୍ମପୀଠ। ଓଡିଆ ବଜାରସ୍ଥିତ ନେତାଜୀଙ୍କ ଜନ୍ମପୀଠ ସଂଗ୍ରହାଳୟ ତଥା ଜାନକୀନାଥ ଭବନଠାରେ ନେତାଜୀ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ଏବଂ ଅବକାରୀ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। କଟକ ମହାନଗର ନିଗମର ମେୟର ସୁବାସ ଚନ୍ଦ୍ର ସିଂହ, ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ନରହରି ସେଠୀ, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ମଧୁସୂଦନ ଦାସ, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଯୁଗ୍ମ ଶାସନ ସଚିବ ଅତସୀ ଦାଶ, ଉପନିର୍ଦ୍ଦେଶକ ତଥା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର, ଜିଲ୍ଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ, ଓଡ଼ିଶା ଲଳିତ କଳା ଏକାଡେମୀର ସଚିବ ପଞ୍ଚାନନ ସାମଲ ଏବଂ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଅଣନାତି ସୁପ୍ରିୟ ବୋଷ ଓ ଚିତ୍ତପ୍ରିୟ ବୋଷ ପ୍ରମୁଖ ଉପସ୍ଥିତ ରହି ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଏହି ମହାନ୍ ନେତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଆଜି ଦିନ ବ୍ୟାପୀ ଜନ୍ମସ୍ଥାନ ସଂଗହାଳୟ ପରିସରରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇ ନେତାଜୀଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।



## ବିଜେଡିର ବିଶାଳ ମଶାଲ ଶୋଭାଯାତ୍ରା

ମହାନ ସ୍ୱାଧୀନତା ସଂଗ୍ରାମୀ ତଥା କଟକ ମାଟିର ବରପୁତ୍ର ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଉପଲକ୍ଷେ ଛାତ୍ର ବିଜେଡି ପକ୍ଷରୁ ମଙ୍ଗଳବାର ସନ୍ଧ୍ୟାରେ ବିଶାଳ ମଶାଲ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। କଟକ ଜିଲ୍ଲା ବିଜେଡି ସଭାପତି ଦେବାଶିଷ ସାମନ୍ତରାୟ ଓ ରାଜ୍ୟ ଛାତ୍ର ବିଜେଡି ସଭାପତି ତଥା ବିଧାୟକ ଦେବୀରଞ୍ଜନ ତ୍ରିପାଠୀଙ୍କ ନେତୃତ୍ୱରେ ହୋଇଥିବା ଶୋଭାଯାତ୍ରା ସ୍ୱରାଜ ଆଶ୍ରମରୁ ବାହାରି ଓଡ଼ିଆବଜାର ସ୍ଥିତ ଜାନକୀନାଥ ଭବନ ପର୍ଯ୍ୟନ୍ତ ଯାଇଥିଲା। ବିଜେଡି ନଗର ସଭାପତି ମଧୁସୂଦନ ସାହୁଙ୍କ ସମେତ ଜ୍ଞାନେନ୍ଦ୍ର ଗିରି ଗୋସ୍ୱାମୀ, ଡ. ରଞ୍ଜନ ବିଶ୍ୱାଳ, ବିଜୟ ବେହେରା, ଜନସନ ମହାପାତ୍ର, ଏକାମ୍ର ହୁସେନ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ସୌମ୍ୟଦୀପ ଘୋଷ, ସୟଦ ଜାଲି, ଜଗତଜ୍ୟୋତି ପଟ୍ଟନାୟକ, ମନୋଜ ମହାନ୍ତି, ଅମରେଶ ରାଜ, ସନ୍ତୋଷ ମହାପାତ୍ର, ଆସିଫ ଅମିନ, ଅବିନାଶ ମହାନ୍ତି, ଆଶୁତୋଷ ମହାପାତ୍ର, ପରମିତ ଦାସ ପ୍ରମୁଖ ପରିଚାଳନା କରିଥିଲେ। ସେହିପରି ପ୍ରତ୍ୟୁଷରୁ ଗୌରୀଶଙ୍କର ପାର୍କରୁ ରାଜ୍ୟ ବିଜୁ ଜନତା ଦଳ ସାଧାରଣ ସମ୍ପାଦକ ମହମ୍ମଦ ସକିଲଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ବାହାରି ଓଡ଼ିଆ ବଜାର ନେତାଜୀ ଜନ୍ମପୀଠ ପର୍ଯ୍ୟନ୍ତ ଯାଇଥିଲା। ଉକ୍ତ ଶୋଭାଯାତ୍ରାରେ ନିଖିଳ ଓଡ଼ିଶା ଭୂମିହୀନ ବସ୍ତି ବାସିନ୍ଦା ମହାସଂଘ ସଭାପତି ବିଜୟ ଓଝା, କଟକ ନଗର ବିଜୁ ଜନତା ଦଳ ଉପସଭାପତି ବିଭୂତି ଭୂଷଣ ଜେନା, ମେହେରାଜ ମହମ୍ମଦ, ସାଧାରଣ ସମ୍ପାଦକ ଅଜୟ ମହାପାତ୍ର, ନଗର ମହିଳା ବିଜୁ ଜନତା ଦଳ ଉପସଭାପତି ପ୍ରତିମା ନାୟକ, ଅନୁଜା ରାଉତ, ଅବଦୁଲ କରିମ, ମହମ୍ମଦ ଅଜିଜୁର ରହିମ ପ୍ରମୁଖ ଯୋଗଦେଇଥିଲେ।



## ଷ୍ଟିୱାର୍ଟ ସ୍କୁଲ୍

ମିଶନରୋଡ଼ସ୍ଥିତ ଷ୍ଟିୱାର୍ଟ ସ୍କୁଲରେ ନେତାଜୀ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବରେ ଓଡ଼ିଶା ହାଇକୋର୍ଟର ବିଚାରପତି ଏ ସୂର୍ଯ୍ୟନାରାୟଣ ନାଇଡୁ, ନେତାଜୀଙ୍କ ପରିବାରରୁ ସୁପ୍ରିୟୋ ବୋଷ ଏବଂ ଚିତ୍ତୋପ୍ରିୟ ବୋଷ ପ୍ରମୁଖ ଯୋଗଦେଇଥିଲେ।

କଟକ ଧର୍ମାଞ୍ଚଳର ବିଶପ୍ ରାଇଟ ରେଭରେଣ୍ଟ ସୁରେନ୍ଦ୍ର କୁମାର ନନ୍ଦ କାର୍ଯ୍ୟକ୍ରମକୁ ଆରମ୍ଭ କରିଥିଲେ। ଅତିଥିମାନଙ୍କୁ ସ୍ୱାଗତ କରାଯାଇ ସେମାନଙ୍କ ଦ୍ୱାରା ଷ୍ଟିୱାର୍ଟ ସ୍କୁଲର ନେତାଜୀ ସଂଗ୍ରହାଳୟ ଏବଂ ସ୍କୁଲର ପତ୍ରିକା ଉଦ୍‌ଘାଟନ କରାଯାଇଥିଲା। ଷ୍ଟିୱାର୍ଟ ସ୍କୁଲର ଅଧ୍ୟକ୍ଷା ଡି. ମାଟିନା ଅଧ୍ୟକ୍ଷତା କରିବା ସହ ନେତାଜୀଙ୍କ ବିବରଣୀକୁ ପାଠ କରିଥିଲେ। ସମ୍ପାଦକ ଆଇନଜୀବୀ ବିଭୁଦତ୍ତ ଦାସ, ସଂଯୋଜିକା ଶିଳ୍ପା ସାହୁ, ରେଶ୍ମା ପ୍ରଧାନ, ଜୟଦୀପ୍ କାନୁନ୍‌ଗୋ, ସୁସ୍ମିତା ଦାସ, ପ୍ରଦୀପ ରାଉତ, ସାଇନୀ ନାଥଙ୍କ ସହ ଅନ୍ୟାନ୍ୟ କର୍ମକର୍ତ୍ତାଙ୍କ ଦ୍ୱାରା ଶାନ୍ତିଶୃଙ୍ଖଳାର ସହିତ ଶେଷ ହୋଇଛି।

## ଜନ୍ମପୀଠରେ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ମାଲ୍ୟାର୍ପଣ

ନେତାଜୀଙ୍କ ଜୟନ୍ତୀ ଅବସରରେ ଆଜି ଲୋକାରଣ୍ୟ ହୋଇପଡ଼ିଥିଲା ନେତାଜୀ ସଂଗ୍ରହାଳୟ।
ଜନ୍ମପୀଠରେ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଯୋଗଦେଇ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। କଟକ ସାଂସଦ ଭର୍ତ୍ତୃହରି ମହତାବ, ବାରବାଟୀ-କଟକ ବିଧାୟକ ଇଂ ମହମ୍ମଦ ମୋକିମ, ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ, ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ନିରାମୟ ଉପଦେଷ୍ଟା ରଞ୍ଜନ ବିଶ୍ୱାଳ, ବିଜେପି ନେତ୍ରୀ ସ୍ମୃତି ପଟ୍ଟନାୟକ, ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ସାହୁ ଓ ସମ୍ପାଦକ ଭିକାରୀ ଦାସ ପ୍ରମୁଖ ଯୋଗଦେଇ ମାଲ୍ୟାର୍ପଣ କରିଥିଲେ।

## ଭାସ୍କର୍ଯ୍ୟ କଳାରେ ନେତାଜୀଙ୍କ ଜୀବନ ଗାଥା




ନେତାଜୀଙ୍କ ଜୟନ୍ତୀ ଅବସରରେ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ପରିସରରେ ଆୟୋଜିତ ହୋଇଥିବା ମୃଣ୍ମୟ ଭାସ୍କର୍ଯ୍ୟ କଳା ପ୍ରଦର୍ଶନୀ ଆକର୍ଷଣର କେନ୍ଦ୍ର ବିନ୍ଦୁ ଥିଲା। ଏହି ଭାସ୍କର୍ଯ୍ୟ କଳା ପ୍ରଦର୍ଶନୀ ବେଶ ଉଚ୍ଚକୋଟୀର ହୋଇଥିବା ବେଳେ ଏହା ବଖାଣିଥିଲା ନେତାଜୀଙ୍କ ଜୀବନଗାଥା। ଲଳିତ କଳା ଏକାଡେମୀ ଏବଂ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ନେତାଜୀଙ୍କ ଜୀବନର ପ୍ରମୁଖ ଘଟଣାବଳୀକୁ ନେଇ ଆୟୋଜିତ ହୋଇଥିଲା ଏହି ମୃଣ୍ମୟ ଭାସ୍କର୍ଯ୍ୟ କଳା ପ୍ରଦର୍ଶନୀ। ଏଥିରେ ଅଂଶଗ୍ରହଣ କରିଥିବା ୧୮ ଜଣ ଭାସ୍କର୍ଯ୍ୟ ଶିଳ୍ପୀଙ୍କୁ ଉତ୍ତରୀୟ, ମାନପତ୍ର ଓ ୧୫ ହଜାର ଲେଖାଏଁ ଟଙ୍କାର ଚେକ୍ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।











## ରେଭେନ୍ସା କଲିଜିଏଟ୍ ସ୍କୁଲ୍




ରେଭେନ୍ସା କଲିଜିଏଟ ସ୍କୁଲ୍ ପୁରାତନ ଛାତ୍ର ସଂସଦ ପକ୍ଷରୁ ମହାନ ଦେଶଭକ୍ତ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାଂସଦ ଭର୍ତ୍ତୃହରି ମହତାବ କହିଥିଲେ ଯେ, ନେତାଜୀ ଏହି ଆଦର୍ଶ ଶିକ୍ଷାନୁଷ୍ଠାନରେ ଶିକ୍ଷାଲାଭ କରିଥିଲେ। ତାଙ୍କ ବଳିଷ୍ଠ ନେତୃତ୍ୱ ଅଦମ୍ୟ ସାହାସ ଓ ରାଷ୍ଟ୍ର ପ୍ରୀତି ଉପରେ ସେ ଆଲୋକପାତ କରିଥିଲେ। ସିଏମସି ମେୟର ସୁବାଷ ସିଂହ ନେତାଜୀଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହେବାକୁ ବିଦ୍ୟାର୍ଥୀମାନଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ସ୍କୁଲର ପୁରାତନ ଛାତ୍ର ତଥା ପୂର୍ବତନ ଏଜି ବିଜୟ କୁମାର ମହାନ୍ତିଙ୍କୁ କୃତୀ ଛାତ୍ର ରୂପେ ସମ୍ବର୍ଦ୍ଧିତ କରାଯାଇଥିଲା। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ମନୋରମା ଦାଶଙ୍କୁ ମଧ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସଂସଦର କାର୍ଯ୍ୟକାରୀ ସଭାପତି ନରେନ୍ଦ୍ର କିଶୋର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଅବକାରୀ କମିଶନର ନରସିଂହ ଭୋଳ, ଉପସଭାପତି ଧର୍ମେଶ ନାୟକ, ସମ୍ପାଦକ ସଞ୍ଜୀବ କୁମାର ଜେନା, ପ୍ରଧାନ ଶିକ୍ଷୟିତ୍ରୀ ପ୍ରଗତୀ ପଣ୍ଡା ପ୍ରମୁଖ ନେତାଜୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

## ମା’ ସରସ୍ୱତୀ ଶିଶୁମନ୍ଦିର



ବିରିଡି ବ୍ଲକ ବାଇଶିମୌଜା ଅନ୍ତର୍ଗତ ଚାଷୀଖଣ୍ଡ ନିକଟସ୍ଥ ମା’ ସରସ୍ୱତୀ ଶିଶୁମନ୍ଦିର ପ୍ରାଙ୍ଗଣରେ ବସନ୍ତ ସାହୁଙ୍କ ସଭାପତିତ୍ୱରେ ନେତାଜୀ ସୁଭାଷ ବୋଷଙ୍କ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। କମିଟିର ଉପଦେଷ୍ଟା ଗୋପୀନାଥ ନାୟକ, ସମ୍ପାଦକ ଗଙ୍ଗାଧର ଦାସ, ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ଦାସ ବକ୍ତବ୍ୟ ରଖିଥିଲେ। ତତସହିତ କମିଟିର ଉପସଭାପତି ଅବସରପ୍ରାପ୍ତ ଶିକ୍ଷକ ନିକୁଞ୍ଜ କିଶୋର ଭଞ୍ଜ, ସମାଜସେବୀ ମଙ୍ଗୁଳି ଦାସ, ନାରାୟଣ ଭୋଳ, ଅଭିମନ୍ୟୁ ଭୋଇ, ଶିକ୍ଷୟିତ୍ରୀ ସସ୍ମିତା ସାହୁ, ଅଧ୍ୟାପକ ବିଦ୍ୟୁତ ଭୂଷଣ ମହାରଣା ସମେତ ନେତାଜୀଙ୍କ ଜୀବନ ସଂଗ୍ରାମକୁ ନେଇ ବକ୍ତବ୍ୟ ଦେଇଥିଲେ।

## ସମ୍ବାଦପତ୍ର ବିକ୍ରେତା ସଂଘ

ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ନେତାଜୀ ଜୟନ୍ତୀ ପାଳିତ ହୋଇଯାଇଛି। ଓଡ଼ିଆ ବଜାରସ୍ଥିତ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ସଂଘ କର୍ମକର୍ତ୍ତାମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସଂଘର ଉପସଭାପତି ପିତାମ୍ବର ବେହେରା, ସାଧାରଣ ସମ୍ପାଦକ ବିଷ୍ଣୁଚରଣ ଦାଶ, ସହସମ୍ପାଦକ ରତ୍ନାକର ପ୍ରଧାନ, କୋଷାଧ୍ୟକ୍ଷ ଅକ୍ଷୟ ମହାନ୍ତି, ପ୍ରଭାସ ପ୍ରଧାନ, ହିମାଂଶୁ ମହାପାତ୍ର, ମନୋଜ ପାଲ, ପ୍ରଶାନ୍ତ ସାହୁ, ପ୍ରଦ୍ୟୁମ୍ନ ବିଶୋଇ, ପ୍ରଭାତ ସାହୁ, ବିଷ୍ଣୁ ବିଶୋଇ, ଦୁର୍ଗାପ୍ରସାଦ ଛାଟୋଇ ଓ ସନ୍ତୋଷ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।



# ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

**କଟକ,୨୩।୧(ସମିସ):** ବିଡାନାସୀ ଥାନା ଅନ୍ତର୍ଗତ ମହାନଦୀ ଘାଟରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଆଜି ଉଦ୍ଧାର ହୋଇଛି। ତେବେ ମୃତ ବ୍ୟକ୍ତିଙ୍କ ପରିଚୟ ମିଳିପାରିନାହିଁ। ପୁଲିସ ଶବ ବ୍ୟବଚ୍ଛେଦ କରି ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି। ସୋମବାର ସନ୍ଧ୍ୟା ପ୍ରାୟ ୭ଟାରେ ଜଣେ ବ୍ୟକ୍ତି ମହାନଦୀର ଗୋରାକବର ନିକଟ ଏନ୍‌ସିସି ଜେଟି ପାହାଚରେ ଛିଡା ହୋଇଥିଲେ। କିଛି ସମୟ ପରେ ବ୍ୟକ୍ତି ଜଣକ ସେହିଠାରେ ହଠାତ ପଡିଗଲେ। ଦୀର୍ଘ ସମୟ ଧରି ଆଉ ନ ଉଠିବାରୁ ସ୍ଥାନୀୟ ଲୋକେ ପାଖକୁ ଯାଇ ଉକ୍ତ ସଂଜ୍ଞାହୀନ ବ୍ୟକ୍ତିଙ୍କୁ ଆମ୍ବୁଲାନ୍ସ ଯୋଗେ ଏସସିବି ମେଡିକାଲକୁ ପଠାଇଥିଲେ। ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ସୂଚନା ପାଇ ବିଡାନାସୀ ଥାନା ପୁଲିସ ପହଞ୍ଚି ଶବ ଜବତ କରିଥିଲା। ଶବ ବ୍ୟବଚ୍ଛେଦ ପରେ ଏସସିବିର ସଂରକ୍ଷଣ ଗୃହରେ ଶବକୁ ରଖାଯାଇଛି। ଏନେଇ ବିଡାନାସୀ ଥାନା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତକଙ୍କ ବୟସ ଆନୁମାନିକ ୩୫ରୁ ୪୦ ବର୍ଷ ମଧ୍ୟରେ ହେବ। ତାଙ୍କର ବାମ ହାତରେ ଏମ୍‌ଏସ୍ ଲେଖା ଥିବା ଏକ ଟାଟୁ ରହିଛି। ବ୍ୟକ୍ତି ଜଣକ ଫୁଲ ପ୍ୟାଣ୍ଟ ଓ ସାର୍ଟ ପିନ୍ଧିଛନ୍ତି। ତେବେ ଘଟଣାକୁ ପ୍ରାୟ ୨୪ ଘଣ୍ଟା ବିତିଥିଲେ ବି ମୃତକଙ୍କ ପରିଚୟ ଅସ୍ପଷ୍ଟ ରହିଛି।

# ଅଗ୍ନିକାଣ୍ଡରେ ଆହତ ଯୁବକଙ୍କ ପରଲୋକ

**ମାହାଙ୍ଗା,୨୩।୧(ସମିସ):** ମାହାଙ୍ଗା ବ୍ଲକ ଅନ୍ତର୍ଗତ ଜଲେଶ୍ୱରପୁର ପଞ୍ଚାୟତ କାହ୍ନପୁର ଗ୍ରାମର ରାଜୀବ ଲୋଚନ ରାଉତ ଗତ ୧୨ ତାରିଖ ରାତିରେ ଶୋଇଥିବାବେଳେ ବିଦ୍ୟୁତ୍ ସଟସର୍କିଟ ଯୋଗୁ ଘରେ ନିଆଁ ଲାଗିଯାଇଥିଲା। ସେ ଶୋଇଥିବା ଅବସ୍ଥାରେ ତାଙ୍କ ଶରୀରରେ ନିଆଁ ଲାଗିଯିବାରୁ ଅର୍ଦ୍ଧାଧିକ ଅଂଶ ପୋଡି ଯାଇଥିଲା। କୁଆଁପାଳ ଦମକଳବାହିନୀ ତାଙ୍କୁ ଉଦ୍ଧାର କରି ମାହାଙ୍ଗା ମେଡିକାଲ ଓ ପରେ କଟକ ମେଡିକାଲରେ ଚିକିତ୍ସା ହେଉଥିଲେ। ଗତକାଲି ଚିକିତ୍ସାଧୀନ ଅବସ୍ଥାରେ ସେ ମୃତ୍ୟୁବରଣ କରିଛନ୍ତି। ଅଗ୍ନିକାଣ୍ଡରେ ତାଙ୍କର ସମସ୍ତ ସମ୍ପତ୍ତି ପୋଡି ନଷ୍ଟ ହୋଇଯାଇଛି। ତାଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ସାଧାରଣରେ ଦାବି ହୋଇଛି।

# ନିଲମ୍ବନ ଉଠିବା ନେଇ ଆଶାବାଦୀ ଥିଲି :ମୋକିମ

**କଟକ,୨୩।୧(ସମିସ):** ବାରବାଟୀ-କଟକ କଂଗ୍ରେସ ବିଧାୟକ ଇଂ ମହମ୍ମଦ ମୋକିମଙ୍କ ଉପରୁ ଦଳ ନିଲମ୍ବନ ଆଦେଶ ପ୍ରତ୍ୟାହାର କରିଛି । ପ୍ରକାଶଥାଉକି ଗତକାଲି ବିଧାୟକ ମୋକିମ ପିସିସି ପ୍ରଭାରୀ ଅଜୟ କୁମାରଙ୍କୁ ଭେଟିବା ପରେ ତାଙ୍କ ଉପରୁ ନିଲମ୍ବନ ଉଠିବ ବୋଲି ସଂକେତ ମିଳିଥିଲା। ଆଜି ପିସିସି ପ୍ରଭାରୀ ନିଲମ୍ବନ ଉଠିବା ନେଇ ଘୋଷଣା କରିବା ପରେ ବିଧାୟକଙ୍କ ବାସଭବନ ଓ କାର୍ଯ୍ୟାଳୟରେ ବେଶ ଗହଳି ପରିଲକ୍ଷିତ ହୋଇଥିଲା। ଏହି ଅବସରରେ ଇଂ ମୋକିମ କହିଥିଲେ ଯେ ଦଳରେ ସେ ଜଣେ ଶୃଙ୍ଖଳିତ କର୍ମୀ ଭାବେ ରହିଆସିଛନ୍ତି । ଦଳକୁ କ୍ଷତି ପହଞ୍ଚାଇବା ଭଳି କାର୍ଯ୍ୟ କରିନାହାଁନ୍ତି ଓ ନିଲମ୍ବନ ପ୍ରତ୍ୟାହାର ହେବ ବୋଲି ଦୃଢ ଆଶାବାଦୀ ରହିଥିଲେ। ଦଳର ହାଇକମାଣ୍ଡ ମଧ୍ୟ ଏହାକୁ ଅନୁଭବ କରି ନିଲମ୍ବନ ପ୍ରତ୍ୟାହାର କରିଛନ୍ତି । ଦଳ ଆଗକୁ ତାଙ୍କର ଅଭିଜ୍ଞତାକୁ ଯେଉଁଭଳି ବ୍ୟବହାର କରିବ ସେ ତାହାକୁ ପାଳନ କରିବେ। ରାଜ୍ୟରେ ବିଜେପିର ସ୍ଥିତି ନାହିଁ । କିଛି ବିଦ୍ରୋହୀ କଂଗ୍ରେସ ନେତାଙ୍କୁ ନେଇ ବିଜେପି ଛିଡା ହୋଇଛି । ଓଡିଶାରେ ବିଜେଡି ସହ କଂଗ୍ରେସ ମୁକାବିଲା ହେବ ବୋଲି ଇଂ ମୋକିମ ନିଜ ପ୍ରତିକ୍ରିୟାରେ କହିଛନ୍ତି । ପ୍ରକାଶଥାଉକି ମୋକିମଙ୍କୁ ଦଳବିରୋଧି କାର୍ଯ୍ୟ ପାଇଁ ଗତ ଜୁଲାଇ ମାସରେ ନିଲମ୍ବନ କରାଯାଇଥିଲା।

# ବିଭିନ୍ନ ଦାବିରେ ସିପିଆଇ(ଏମ୍)ର ସମାବେଶ



**ଚୌଦ୍ୱାର,୨୩।୧(ସମିସ):** କୃଷି ଓ କୃଷକଙ୍କ ବିଭିନ୍ନ ସମସ୍ୟାର ସମାଧାନ, କୃଷିଋଣ ଛାଡ଼, ଠିକା ଶ୍ରମିକ ଉଚ୍ଛେଦ, ପୁରୁଣା ପେନସନ ଲାଗୁ, ସର୍ବନିମ୍ନ ଭତ୍ତା ୬ ହଜାରକୁ ବୃଦ୍ଧି, ଗଣତନ୍ତ୍ରର ସୁରକ୍ଷା ଆଦି ଦାବିରେ ସିପିଏମ୍‌ର ଟାଙ୍ଗୀ-ଚୌଦ୍ୱାର ଆଞ୍ଚଳିକ କମିଟି ତରଫରୁ ଏକ ଜନସମାବେଶ ଟାଙ୍ଗୀ ଗୋରୁହାଟ ପଡ଼ିଆର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ବ୍ଲକ୍‌ର ଶତାଧିକ ଆଦିବାସୀଙ୍କର ଏକ ପଦଯାତ୍ରା କରଞ୍ଜି ପଞ୍ଚାୟତର ଗୋଡ଼ଧୁଆ ଗ୍ରାମରୁ ବାହାରି ଦୀର୍ଘ ୨୦ କିମି ରାସ୍ତା ଅତିକ୍ରମ କରି ବ୍ଲକ୍ ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସମ୍ପାଦକ ବିଷ୍ଣୁ ଚରଣ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାବେଶରେ ବରିଷ୍ଠ କମ୍ୟୁନିଷ୍ଟ ନେତା ଜନାର୍ଦ୍ଦନ ପତି, ନାରୀନେତ୍ରୀ ପୁଷ୍ପା ଦାସ, କୃଷକ ନେତା ଡମ୍ବରୁଧର ସାହୁ, ରବି ନାରାୟଣ ମଲ୍ଲିକ, ଶ୍ରମିକ ନେତା ପିତାମ୍ବର ଲେଙ୍କା, ଜିଲ୍ଲା ସମ୍ପାଦକ ବଦ୍ରିନାରାୟଣ ଦାସ, ରମେଶ ବେହେରା ପ୍ରମୁଖ ଉଦ୍‌ବୋଧନ ଦେଇ କେନ୍ଦ୍ର ସରକାରଙ୍କ ଜନ ବିରୋଧୀ ନୀତିର ତୀବ୍ର ସମାଲୋଚନା କରିଥିଲେ। କୃଷକ ଓ ଶ୍ରମିକଙ୍କର ବିଭିନ୍ନ ଦାବି ପୂରଣ ପାଇଁ ଦାବି କରିବା ସହିତ ସମ୍ବିଧାନ, ଗଣତନ୍ତ୍ର ଓ ଜନ ଅଧିକାରର ସୁରକ୍ଷା ଦିଗରେ କାର୍ଯ୍ୟ କରିବାକୁ ନେତାମାନେ ଆହ୍ୱାନ ଦେଇଥିଲେ।

# ଆଇନଜୀବୀ ପରିଷଦ କମିଟିକୁ ଅକ୍ଷୟ ପତି ମନୋନୀତ

**କଟକ,୨୩।୧(ସମିସ):** ରାଜ୍ୟ ଆଇନଜୀବୀ ପରିଷଦର ବିଭିନ୍ନ କମିଟି ଯଥା ଓକିଲ କଲ୍ୟାଣ କମିଟି, ପେନସନ କମିଟି, ପାଠାଗାର କମିଟି ଓ ଆଇନ୍ ସଂସ୍କାର କମିଟିକୁ ଆଇନଜୀବୀ ଅକ୍ଷୟ କୁମାର ପତି ନିର୍ଦ୍ୱନ୍ଦ୍ୱରେ ମନୋନୀତ ହୋଇଛନ୍ତି। ଏଥିପାଇଁ ସେ ବାର କାଉନସିଲ ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ ଓ ଉପାଧ୍ୟକ୍ଷ ରାଜୀବ କୁମାର ମହାନ୍ତି, ସଦସ୍ୟ ଦୀନେଶ ଚନ୍ଦ୍ର ରାୟ ଓ ମାନସ କୁମାର ଚାନ୍ଦ ପ୍ରମୁଖଙ୍କ ସମେତ ସମସ୍ତ ସଦସ୍ୟଙ୍କ ନିକଟରେ କୃତଜ୍ଞତା ଜଣାଇଛନ୍ତି। ଓକିଲଙ୍କ ପାଇଁ କାର୍ଯ୍ୟକୁ ଆଗେଇନେବାର ଆହ୍‌ୱାନକୁ ଚରିତାର୍ଥ କରିବାକୁ ସେ ପ୍ରତିଶ୍ରୁତିବଦ୍ଧ ବୋଲି ଜଣାଇଛନ୍ତି।

## କମିସନରେଟ୍ ପୁଲିସରେ ଅଦଳବଦଳ

# ବଦଳିଲେ ୮ ଅତିରିକ୍ତ ଡିସିପି, ୧୨ ଏସିପି

**କଟକ/ଭୁବନେଶ୍ୱର,୨୩।୧(ସମିସ)**

କମିଶନରେଟ୍ ପୁଲିସରେ ମଙ୍ଗଳବାର ଏକ ବଡ଼ ଧରଣର ଅଦଳବଦଳ ହୋଇଛି। ଅତିରିକ୍ତ ଡିସିପି, ଏସିପି ଏବଂ ଏସ୍‌ଆଇ ସ୍ତରରେ ଏହି ଅଦଳବଦଳ କରାଯାଇଛି। କଟକରେ ଥିବା ପୁଲିସ ଅଧିକାରୀଙ୍କୁ ଭୁବନେଶ୍ୱର ଅଣାଯାଇଥିବା ବେଳେ ଭୁବନେଶ୍ୱରରେ ଥିବା ପୁଲିସ ଅଧିକାରୀଙ୍କୁ କଟକ ପଠାଯାଇଛି। ୮ଜଣ ଅତିରିକ୍ତ ଡିସିପି, ୧୨ ଜଣ ଏସିପି ଏବଂ ୧୦ ଜଣ ଏସ୍‌ଆଇ ସ୍ତରରେ ଅଦଳବଦଳ କରାଯାଇଛି। ସିପି ମୁଖ୍ୟାଳୟରେ ଥିବା ଅତିରିକ୍ତ ଡିସିପି ସ୍ମୃତି ରଞ୍ଜନ କରଙ୍କୁ ଆଇବି'ର ଅତିରିକ୍ତ ଡିସିପି ଭାବେ ବଦଳି କରାଯାଇଛି। ସେହିପରି କ୍ରାଇମ୍ ୟୁନିଟ୍‌ର ଅତିରିକ୍ତ ଡିସିପି ଥିବା ଅନିଲ କୁମାର ବେଉରାଙ୍କୁ ସିପି ମୁଖ୍ୟାଳୟରେ ଥିବା ଜୁଡିସିଆଲ'ର ଅତିରିକ୍ତ ଡିସିପି ଭାବେ ଅବସ୍ଥାପିତ କରାଯାଇଛି। ଅତିରିକ୍ତ ଡିସିପି(ଆଟାଚ) ପ୍ରଶାନ୍ତ କୁମାର ମଲ୍‌ଙ୍କୁ ଆଇୟୁସିଏଡବ୍ଲ୍ୟୁ'ର ଅତିରିକ୍ତି ଡିସିପି ଭାବେ ନିଯୁକ୍ତି ଦିଆଯାଇଛି। କଟକ ୟୁପିଡି ଆଇୟୁସିଏଡବ୍ଲ୍ୟୁ'ର ଅତିରିକ୍ତ ଡିସିପି ଥିବା କୃଷ୍ଣପ୍ରସାଦ ଦାସଙ୍କୁ ଭୁବନେଶ୍ୱର ୟୁପିଡିର ମୁଖ୍ୟାଳୟକୁ ବଦଳି କରାଯାଇଛି। କଟକ ୟୁପିଡି ଡିସିପି କୋର୍ଟ(ଇଏମ୍)ରେ ଥିବା ଅତିରିକ୍ତ ଡିସିପି ସରଫୁଦ୍ଦିନଙ୍କୁ ଭୁବନେଶ୍ୱର ଡିସିପି କୋର୍ଟକୁ ବଦଳି କରାଯାଇଛି। ଡିସିପି କୋର୍ଟରେ ଥିବା ଏସ୍.କେ ମହାପାତ୍ର ଗତ କିଛିଦିନ ହେବ ଅବସର ନେଇଛନ୍ତି। ସେହିପରି ସିପି ମୁଖ୍ୟାଳୟ କ୍ରାଇମ୍‌ରେ ଥିବା ଅତିରିକ୍ତ ଡିସିପି ସୁରେଶ ଚନ୍ଦ୍ର ପାତ୍ରଙ୍କୁ ଭୁବନେଶ୍ୱର ୟୁପିଡି କ୍ରାଇମ୍‌ର ଅତିରିକ୍ତ ଡିସିପି ଭାବେ ଅବସ୍ଥାପିତ କରାଯାଇଛି। ଡିସିପି ମୁଖ୍ୟାଳୟରେ ଥିବା ଅତିରିକ୍ତ ଡିସିପି ପ୍ରକାଶ ପାଲଙ୍କୁ କଟକ ୟୁପିଡିର ଆଇୟୁସିଏଡବ୍ଲ୍ୟୁ'ର ଅତିରିକ୍ତ ଡିସିପି ଭାବେ ବଦଳି କରାଯାଇଛି। ଭୁବନେଶ୍ୱର ଆଇୟୁସିଏଡବ୍ଲ୍ୟୁରେ ଥିବା ଅତିରିକ୍ତ ଡିସିପି ତରୁଣ କୁମାର ଦାଶଙ୍କୁ କଟକ ଡିସିପି କୋର୍ଟକୁ ବଦଳି କରାଯାଇଛି।

### ୧୦ ଏସ୍‌ଆଇଙ୍କ ବଦଳି, ଖୁବ୍‌ଶୀଘ୍ର ବଦଳିବେ ପୁରୁଣା ପୁଲିସ ଅଧିକାରୀ

ସେହିପରି କଟକ ୟୁପିଡିରେ ଆଇୟୁସିଏଡବ୍ଲ୍ୟୁ'ରେ ଏସିପି ଥିବା ସତ୍ୟ ରଞ୍ଜନ ମଲ୍ଲିକ୍‌ଙ୍କୁ ସିପି ମୁଖ୍ୟାଳୟ ଲାଇସେନ୍ସ ସେଲ୍‌କୁ ବଦଳି କରାଯାଇଛି। ଭୁବନେଶ୍ୱର ଆଇୟୁସିଏଡବ୍ଲ୍ୟୁରେ ଥିବା ଏସିପି ମାନସ ରଞ୍ଜନ ଗଡ଼ନାୟକଙ୍କୁ ସିପି ମୁଖ୍ୟାଳୟରେ ଥିବା ଜୁଡିସିଆଲକୁ ବଦଳି କରାଯାଇଛି। କଟକ ଏସିପି କ୍ରାଇମ୍‌ରେ ଥିବା ପ୍ରନିତା ପଟ୍ଟନାୟକଙ୍କୁ ଭୁବନେଶ୍ୱର ଏସିପି କ୍ରାଇମ୍‌କୁ ବଦଳି କରାଯାଇଛି। କଟକ ଏସିପି ଜୋନ୍-୨ରେ ଥିବା ଅମିତାଭ ମହାପାତ୍ରଙ୍କୁ ଭୁବନେଶ୍ୱର ସିପି ମୁଖ୍ୟାଳୟକୁ ବଦଳି କରାଯାଇଛି। ଭୁବନେଶ୍ୱର ଆଇୟୁସିଏଡବ୍ଲ୍ୟୁ'ରେ ଏସିପି ଥିବା କୃଷ୍ଣଚନ୍ଦ୍ର ପଲେଇଙ୍କୁ ଭୁବନେଶ୍ୱର ଜୋନ୍-୨କୁ ବଦଳି କରାଯାଇଛି। ଜୋନ୍-୨ରେ ଏସିପି ଥିବା ଗିରିଜା ଶଙ୍କର ଚକ୍ରବର୍ତ୍ତିଙ୍କୁ କଟକ ଜୋନ୍-୨ ଏସିପି ଭାବେ ବଦଳି କରାଯାଇଛି। ଭୁବନେଶ୍ୱର ଜୋନ୍-୩ ଏସିପି ଥିବା ପ୍ରଦୀପ କୁମାର ରାଉତଙ୍କୁ କଟକ ଜୋନ୍-୩କୁ ବଦଳି କରାଯାଇଛି। ଏୟାରପୋର୍ଟ ଥାନା ଦାୟିତ୍ୱରେ ଥିବା ଏସିପି ଉମାକାନ୍ତ ପ୍ରଧାନଙ୍କୁ କଟକ ଜୋନ୍-୪କୁ ବଦଳି କରାଯାଇଛି। କଟକ ଜୋନ୍-୪ରେ ଥିବା ଚନ୍ଦନ କୁମାର ଘଡ଼େଇଙ୍କୁ କଟକ ଡିସିପି ଅଫିସ୍‌କୁ ବଦଳି କରାଯାଇଛି। ଭୁବନେଶ୍ୱର ସ୍ପେଶାଲ କ୍ରାଇମ୍ ୟୁନିଟ୍ ଏସିପି ବିଶ୍ୱ ରଞ୍ଜନ ସେନାପତିଙ୍କୁ କଟକ ଏସିପି କ୍ରାଇମ୍‌କୁ ବଦଳି କରାଯାଇଛି। ସେହିପରି ସ୍ପେଶାଲ ସ୍କ୍ୱାଡ୍‌ରେ ଥିବା ଏସିପି ହିମାଂଶୁ ଭୂଷଣ ସ୍ୱାଇଁଙ୍କୁ ଏସିପି ଟ୍ରେନିଂ ୟୁପି ଏବଂ ଟିଟିଆଇକୁ ବଦଳି କରାଯାଇଛି। ସେହିପରି ଖାରବେଳ ନଗର ଥାନାର ଏସ୍‌ଆଇ ସୁବ୍ରଜିତ୍ ମଙ୍ଗୁଲଙ୍କୁ ଲାଲବାଗ ଥାନାକୁ ବଦଳି କରାଯାଇଥିବା ବେଳେ ଚନ୍ଦ୍ରଶେଖରପୁର ଥାନାରେ ଥିବା ସିଦ୍ଧାର୍ଥ ରଞ୍ଜନ ଜାଲିଙ୍କୁ କଟକ ଚୌଦ୍ୱାର ଥାନାକୁ ବଦଳି କରାଯାଇଛି। ସେହିପରି ଭୁବନେଶ୍ୱର ସାଇବର୍ ଥାନାରେ ଥିବା ଡବ୍ଲ୍ୟୁଏସ୍‌ଆଇ ମନ୍ଦାକିନୀ ବିଶୋଇଙ୍କୁ ମର୍କତନଗର ଥାନାକୁ ବଦଳି କରାଯାଇଛି। କଟକ ଟିପିଏମ୍ ଓପିରେ ଥିବା ମାନସ ରଞ୍ଜନ ମହାରଣାଙ୍କୁ ଚନ୍ଦ୍ରଶେଖରପୁର ଥାନା, ପୁରୀଘାଟରେ ଥିବା ବିଭୂତି ଭୂଷଣ ଦାଶଙ୍କୁ ଖାରବେଳନଗର ଥାନା, ଜଗତପୁରରେ ଥିବା ନରେନ୍ଦ୍ର ପରିଡ଼ାଙ୍କୁ କଟକ ସିଏସ୍‌ଆଇ କୋର୍ଟକୁ ବଦଳି କରାଯାଇଛି। ଚାଉଳିଆଗଞ୍ଜ ଥାନାରେ ଥିବା ନୟନା ବେହେରାଙ୍କୁ ଭୁବନେଶ୍ୱର ମହିଳା ଥାନା, କାଶୀନାଥ ବେହେରାଙ୍କୁ କ୍ୟାପିଟାଲ, କଟକ ସୁଭଜିତ୍ ମଙ୍ଗରାଜଙ୍କୁ ଭୁବନେଶ୍ୱର ଏବଂ ଭୁବନେଶ୍ୱର ଟିଟିଆଇରେ ଥିବା ପ୍ରଭଞ୍ଜନ ଲୋହରଙ୍କୁ କଟକକୁ ବଦଳି କରାଯାଇଛି।

## ସ୍ୱଳ୍ପ ଆୟକାରୀଙ୍କୁ ଲଟେରୀ ମାଧ୍ୟମରେ ୩୨୦ ଗୃହ ଆବଣ୍ଟନ

# ଅପେକ୍ଷା ତାଲିକାରେ ଆଉ ୧୬୦







**କଟକ,୨୩।୧(ସମିସ):** କଟକ ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ)ପକ୍ଷରୁ ତ୍ରିଶୂଳିଆସ୍ଥିତ ନରଣପୁରଠାରେ ସ୍ୱଳ୍ପ ଆୟକାରୀ ବର୍ଗ(ଏଲଆଇଜି)ଙ୍କ ପାଇଁ ନିର୍ମିତ ଗୃହକୁ ସୋମବାର ଦିନ ଲଟେରୀ ମାଧ୍ୟମରେ ଆବଣ୍ଟନ କରାଯାଇଛି। ସିଡିଏ ସେକ୍ଟର-୬ସ୍ଥିତ ୱିଣ୍ଡସର ପ୍ଲେସଠାରେ ଉପରୋକ୍ତ ଗୃହ ଆବଣ୍ଟନ କରାଯାଇଥିଲା। ଆବେଦନକାରୀଙ୍କ ଉପସ୍ଥିତିରେ ପୂର୍ବାହ୍ନ ୧୦ଟାରେ ଆବଣ୍ଟନ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହି ବର୍ଗରେ ଗୃହ ପାଇଁ ୨୦୬୭ ଆବେଦନ କରିଥିଲେ। ଯୋଗ୍ୟତା ଭିତ୍ତିରେ ଏମାନଙ୍କ ମଧ୍ୟରୁ ୧୯୮୦ ଜଣଙ୍କୁ ମନୋନୀତ କରାଯାଇଥିଲା। ବାକି ୮୭ଜଣ ଲଟେରୀ ପ୍ରକ୍ରିୟାରୁ ବାଦ ପଡିଥିଲେ। ତେବେ ୩୨୦ ଗୃହ ମଧ୍ୟରୁ ପ୍ରଥମେ ଭିନ୍ନକ୍ଷମମାନଙ୍କ ପାଇଁ ସଂରକ୍ଷିତ ଥିବା ୧୬ ଜଣଙ୍କର ନାମ ଲଟେରୀ ମାଧ୍ୟମରେ ଘୋଷଣା କରାଯାଇଥିଲା । ପରେ ସାଧାରଣ ବର୍ଗରେ ୩୦୪ ଗୃହ ପାଇଁ ଲଟେରୀ କରାଯାଇ ଆବଣ୍ଟନ ହୋଇଥିଲା। କିନ୍ତୁ କୌଣସି କାରଣ ବଶତଃ ଯଦି ଉପରୋକ୍ତ ବ୍ୟକ୍ତିବିଶେଷ ଧାର୍ଯ୍ୟ ସମୟ ମଧ୍ୟରେ ଗୃହ ନେବାକୁ ସକ୍ଷମ ନ ହୁଅନ୍ତି ସେଥିପାଇଁ ଲଟେରୀ ମାଧ୍ୟମରେ ପୁଣି ଏକ ଅପେକ୍ଷା ତାଲିକା (ୱେଟିଂ ଲିଷ୍ଟ) ପ୍ରସ୍ତୁତ କରାଯାଇଥିଲା। ଏହି ତାଲିକାରେ ଭିନ୍ନକ୍ଷମ ବର୍ଗରେ ୮ ଜଣଙ୍କ ନାମ ରଖାଯାଇଥିଲା ବେଳେ ସାଧାରଣବର୍ଗରେ ୧୫୨ ତାଲିକାଭୁକ୍ତ ହୋଇଛନ୍ତି। ଏହି କାର୍ଯ୍ୟକ୍ରମ ସିଡିଏ ଉପାଧ୍ୟକ୍ଷ ନିଖିଲ ପୱନ କଲ୍ୟାଣଙ୍କ ନିର୍ଦ୍ଦେଶରେ ପୂର୍ବାହ୍ନରୁ ଆରମ୍ଭ ହୋଇ ସନ୍ଧ୍ୟା ପର୍ଯ୍ୟନ୍ତ ସ୍ୱଚ୍ଛତା ଭିତ୍ତିରେ ଶୃଙ୍ଖଳିତ ସହ ଜାରି ରହିଥିଲା। କାର୍ଯ୍ୟକ୍ରମକୁ ସିଡିଏ ସେକ୍ରେଟାରୀ ସତ୍ୟସାଇ ଦାସ, ସ୍କିମ ଅଫିସର ତଥା ଟାଉନ ପ୍ଲାନର ବିଷ୍ଣୁପ୍ରସାଦ ସାହୁ, ଇଷ୍ଟେଟ୍ ଅଫିସର, ପ୍ରଶାସନିକ ଅଧିକାରୀଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀମାନେ ପରିଚାଳନା କରିଥିଲେ।

# ବିଡିଓ ଏକାଦଶ ଓ ତହସିଲ ଏକାଦଶ ମଧ୍ୟରେ କ୍ରିକେଟ୍ ମ୍ୟାଚ୍



**ବାରଙ୍ଗ,୨୩।୧(ସମିସ):** ବାରଙ୍ଗ ବ୍ଲକ ନରଣପୁର ଖେଳପଡିଆରେ ମଙ୍ଗଳବାର ବିଡିଓ ଏକାଦଶ ଓ ତହସିଲ ଏକାଦଶ ପକ୍ଷରୁ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡିଓ ଏକାଦଶକୁ ୫୨ ରନରେ ତହସିଲ ଏକାଦଶ ପରାସ୍ତ କରି ବିଜୟ ହାସଲ କରିଛି। ପ୍ରଥମେ ଟସ ଜିତି ତହସିଲ ଏକାଦଶର ବ୍ୟାଟିଙ୍ଗ କରିଥିଲା। କ୍ୟାପଟେନ ସଂକଳ୍ପ ସ୍ୱସ୍ତିକ ସାହୁଙ୍କ ଧୂଆଁଧାର ବ୍ୟାଟିଙ୍ଗ ବଳରେ ନିର୍ଦ୍ଧାରିତ ୧୫ ଓଭରରେ ୩ ୱିକେଟ ହରାଇ ୧୫୦ ରନର ଟାର୍ଗେଟ ଦେଇଥିଲା। ଏହାର ଜବାବରେ ବିଡିଓ ଏକାଦଶର ଅଧିନାୟକ ବିଶ୍ୱରଞ୍ଜନ ବିଶ୍ୱାସଙ୍କ ଦଳ ନିର୍ଦ୍ଧାରିତ ଓଭରରେ ୫ ୱିକେଟ ହରାଇ ୯୮ ରନ କରି ପରାସ୍ତ ହୋଇଥିଲା । ଏହି ଖେଳକୁ ଅଞ୍ଚଳର ବହୁ କ୍ରୀଡାପ୍ରେମୀ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

## ● ବେଆଇନ ବାଲି ଉତ୍ତୋଳନ ମାମଲା

# ତିନି ଜଣିଆ ଯାଞ୍ଚ କମିଟି ଗଠନ ପାଇଁ ଏନ୍‌ଜିଟିଙ୍କ ନିର୍ଦ୍ଦେଶ

**କଟକ, ୨୩।୧(ସମିସ):** କେନ୍ଦୁଝର ଜିଲ୍ଲା ଘସିପୁରା ତହସିଲ ଅନ୍ତର୍ଗତ ଦେଓଗାଁ ଗ୍ରାମର କୁସେଇ ନଦୀଶଯ୍ୟାରୁ ବେଆଇନ ବାଲି ଉତ୍ତୋଳନ ଅଭିଯୋଗରେ ଦାୟର ମାମଲାକୁ ଜାତୀୟ ଗ୍ରିନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି) ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ଏହି ମାମଲାର ଶୁଣାଣି କରି ଏକ ତିନିଜଣିଆ ଯାଞ୍ଚ କମିଟି ଗଠନ ପାଇଁ ଏନ୍‌ଜିଟି ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଓଏସପିସିବି), ରାଜ୍ୟ ପରିବେଶ ପ୍ରଭାବ ଆକଳନ କର୍ତ୍ତୃପକ୍ଷ (ଏସଇଆଇଏଏ)ର ବରିଷ୍ଠ ବୈଜ୍ଞାନିକ ଓ କେନ୍ଦୁଝର ଜିଲ୍ଲା ମାଜିଷ୍ଟ୍ରେଟ ଅବା ଏଡିଏମ୍ ପାହ୍ୟାର ଅଧିକାରୀଙ୍କୁ ନେଇ କମିଟି ଗଠନ କରାଯିବ। କମିଟି ଘଟଣାସ୍ଥଳ ପରିଦର୍ଶନ କରି ୪ସପ୍ତାହ ଭିତରେ ରିପୋର୍ଟକୁ ସତ୍ୟପାଠ ମାଧ୍ୟମରେ ଦାଖଲ କରିବାକୁ କୁହାଯାଇଛି। ମଲାରେ କେନ୍ଦ୍ର ଓ ରାଜ୍ୟ ସରକାର, କେନ୍ଦୁଝର ଜିଲ୍ଲାପାଳ, ଘସିପୁରା ତହସିଲଦାର, ଓଏସପିସିବି ଓ ଅନ୍ୟମାନଙ୍କୁ ଏନଜିଟି ନୋଟିସ୍ ଜାରି କରି ୪ ସପ୍ତାହ ଭିତରେ ଜବାବ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ମାର୍ଚ୍ଚ ୧୧ରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି।

ମାମଲାରୁ ପ୍ରକାଶ ଯେ ଘସିପୁରା ତହସିଲ ଅନ୍ତର୍ଗତ କୁସେଇ ନଦୀ ଶଯ୍ୟାର ଦେଓଗାଁ ଅଞ୍ଚଳରୁ ବେଆଇନ ବାଲି ଉତ୍ତୋଳନ ଅଭିଯୋଗ ନେଇ ଏନଜିଟିରେ ମାମଲା ଏହି ରୁଜୁ କରାଯାଇଥିଲା। ଲିଜଧାରୀ ସଂସ୍ଥାକୁ ସର୍ତ୍ତ ଉଲ୍ଲଂଘନ କରି କୁସେଇ ନଦୀର ଏହି ସ୍ଥାନରୁ ବାଲି ଉତ୍ତୋଳନ କରୁଛି ବୋଲି ଆବେଦନକାରୀ ଦର୍ଶାଇଥିଲେ। ମେସିନ୍ ଦ୍ୱାରା ବାଲି ଉତ୍ତୋଳନ କରାଯିବ ନାହିଁ ବୋଲି ନିୟମ ରହିଥିବା ବେଳେ ବଡ଼ ବଡ଼ ମେସିନ ସବୁ ବ୍ୟବହାର କରାଯାଇ ଦିନରାତି ବାଲି ଉତ୍ତୋଳନ କରାଯାଉଛି ବୋଲି ଅଭିଯୋଗ ହୋଇଥିଲା। ଏହା ବିରୋଧରେ ଆବେଦନକାରୀ ତପନ କୁମାର ବଳ ଏନଜିଟିଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଶଙ୍କର ପ୍ରସାଦ ପାଣି ମାମଲା ପରିଚାଳନା କରୁଛନ୍ତି।

# ଜିଲ୍ଲା ଯୁବ ବିଜେଡି ସାଧାରଣ ସମ୍ପାଦକ ହେଲେ ମନମୋହନ

**ଟାଙ୍ଗୀ,୨୩।୧(ସମିସ):** ଟାଙ୍ଗୀ-ଚୌଦ୍ୱାର ବ୍ଲକ ଗରୁଡ଼ଗାଁ ପଞ୍ଚାୟତ କାନପୁର ବାସିନ୍ଦା ଇଂ.ମନମୋହନ ବେହେରା କଟକ ଜିଲ୍ଲା ବିଜୁ ଯୁବ ଜନତା ଦଳ ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ପାଇଛନ୍ତି। ଏହି ଉପଲକ୍ଷେ ଶ୍ରୀ ବେହେରା ସାଲେପୁର ବିଧାୟକ ପ୍ରଶାନ୍ତ ବେହେରାଙ୍କୁ ଧନ୍ୟବାଦ ଅର୍ପଣ ପୂର୍ବକ ଜିଲ୍ଲା ତଥା ରାଜ୍ୟ ସଭାପତି ବିଶେଷ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ରବିବାର କୃତଜ୍ଞତା ଜ୍ଞାପନ କରିଛନ୍ତି। ଏହି ଅବସରରେ ସ୍ଥାନୀୟ ଅଞ୍ଚଳରେ ଖୁସିର ବାତାବରଣ ଖେଳିଯାଇଛି।



## ପ୍ରେମ ବ୍ୟାପାରକୁ କେନ୍ଦ୍ର କରି ଯୁବକଙ୍କୁ ହତ୍ୟା ଘଟଣା

# ନାବାଳିକାର ମଉସା ଗିରଫ

**କଟକ,୨୩।୧(ସମିସ)**

ପ୍ରେମ ସମ୍ପର୍କକୁ ନେଇ ଜଣେ ଯୁବକଙ୍କୁ ଛୁରୀ ଭୁସି ହତ୍ୟା କରାଯାଇଥିବା ଘଟଣାର ପର୍ଦ୍ଦାଫାସ କରିଛି କମିଶନରେଟ୍ ପୁଲିସ। ପ୍ରେମିକା ନାବାଳିକାର ମଉସା ଏଭଳି ଜଘନ୍ୟ କାଣ୍ଡ ଭିଆଇଛି। ସଦର ଥାନା ପୁଲିସ ହତ୍ୟାକାରୀ ମଉସା ତଥା ପୁରୀ ଜିଲ୍ଲା ଗୋପ ଅଞ୍ଚଳର ଶ୍ୟାମ ଓରଫ ଶ୍ରୀଧର ପ୍ରଧାନ(୪୬)କୁ ଗିରଫ କରିଛି। ତା' ପାଖରୁ ମାରଣାସ୍ତ୍ର ମଧ୍ୟ ଜବତ ହୋଇଛି। ଆଜି ତାକୁ କୋର୍ଟ ଚାଲାଣ କରାଯାଇଛି ବୋଲି ସାମ୍ବାଦିକ ସମ୍ମିଳନୀରେ ଏଡିସିପି ଅନୀଲ ମିଶ୍ର ସୂଚନା ଦେଇଛନ୍ତି।

ପୁଲିସ ସୂଚନା ଅନୁସାରେ, ସଦର ଥାନା ଅନ୍ତର୍ଗତ କୁରାଙ୍ଗ ଶାସନ ଇନ୍ଦିରାଗ୍ରାମରେ ଟୁଟୁ ଓରଫ ରାଜେଶ ସାହୁ(୩୨)ଙ୍କ ଘର। ରାଜେଶ ସେହି ଗାଁର ଜଣେ ନାବାଳିକାକୁ ପ୍ରେମ କରୁଥିଲେ। ଏହାକୁ ନେଇ ଦୀର୍ଘ ବର୍ଷ ହେବ ରାଜେଶ ଓ ନାବାଳିକାଙ୍କ ପରିବାର ମଧ୍ୟରେ ତିକ୍ତତା ଲାଗି ରହିଥିଲା। ଏପରିକି ଗତ ୨୦୨୦ ମସିହା ଜୁନ ମାସରେ ରାଜେଶ ଉକ୍ତ ନାବାଳିକାକୁ ଅପହରଣ କରିନେଇଥିଲେ। ଏନେଇ ନାବାଳିକାର ପରିବାରର ଏତଲାକ୍ରମେ ସଦର ଥାନା ପୁଲିସ ଅପହରଣ ଓ ବଳାତ୍କାର ମାମଲା ରୁଜୁ କରି ଅଭିଯୁକ୍ତ ରାଜେଶକୁ ଗିରଫ କରିଥିଲା। ଏହି ଘଟଣା ପରଠାରୁ ଦୁଇ ପରିବାର ମଧ୍ୟରେ ବିବାଦ ବଢିଯାଇଥିଲା। ପରବର୍ତ୍ତୀ ସମୟରେ ଦୁଇ ପରିବାର ବସି ଆପୋସ ସମାଧାନର ବାଟ ବାହାର କରିଥିଲେ। ଝିଅକୁ ୧୮ ବର୍ଷ ହେବା ପରେ ତାକୁ ରାଜେଶ ସହିତ ବିବାହ କରାଇବେ ବୋଲି ନାବାଳିକାର ପରିବାର ସହମତି ପ୍ରକାଶ କରିଥିଲେ। ଏନେଇ କୋର୍ଟରେ ଲିଖିତ ଆକାରରେ ଜଣାଇବା ପରେ ରାଜେଶ ଜେଲରୁ ମୁକୁଳିଥିଲେ। ତେବେ ବିବାହ ନହେବା ଯାଏ ଦୁହିଁଙ୍କ ମିଳାମିଶା ଉପରେ ବାରଣ କରିଥିଲେ ନାବାଳିକାର ପରିବାର। କିନ୍ତୁ ରାଜେଶ ଏହାକୁ ଆଦୌ ଗ୍ରହଣ କରିନଥିଲା। ବହୁ ସମୟରେ ରାଜେଶ ନାବାଳିକାର ଘରକୁ ଯିବା ଆସିବା କରୁଥିଲା। ପରିବାର ପକ୍ଷରୁ ଯେତେ ତାଗିଦ କଲେ ବି ସେ ଖାତିର କରୁନଥିଲା। ପାଲଟା ସେ ଧମକଚମକ ଦେଉଥିଲା। ଏନେଇ ବହୁବାର ନାବାଳିକାର ପରିବାର ସହିତ ରାଜେଶର ପାଟିତୁଣ୍ଡ ମଧ୍ୟ ହୋଇଥିଲା। ଏହାସତ୍ତ୍ୱେ ରାଜେଶର ସ୍ୱଭାବ ବଦଳିନଥିଲା। ତେବେ ଗତ ରବିବାର ଦିନ ସମୟରେ ରାଜେଶ ପୁଣି ନାବାଳିକାଙ୍କ ଘରକୁ ଯାଇଥିଲା ବେଳେ ପରିବାର ସଦସ୍ୟ ତାଙ୍କୁ ତଡି ଦେଇଥିଲେ। ଏଥିରେ ଉତକ୍ଷିପ୍ତ ହୋଇ ରାଜେଶ ନାବାଳିକାର ଘର ସମ୍ମୁଖରେ ତାଙ୍କ ପରିବାର ସଦସ୍ୟଙ୍କୁ ଗାଳିଗୁଲଜ କରିଥିଲା। ପରେ ରାତି ସାଢେ ୮ଟାରେ ରାଜେଶ ତାର କିଛି ସାଙ୍ଗକୁ ନେଇ ପୁଣି ନାବାଳିକାର ଘରେ ପହଞ୍ଚିଥିଲା। ନାବାଳିକାର ବାପା ଓ ସେହି ଗାଁରେ ରହୁଥିବା ତାଙ୍କ ସଢୁ ଶ୍ୟାମ ସହିତ ରାଜେଶର କଥା କଟାକଟି ହୋଇଥିଲା। ଏହା ଭିତରେ ଶ୍ୟାମ୍ ଉତ୍ତେଜିତ ହୋଇ ଏକ ଧାରୁଆ ଛୁରୀ ଆଣି ରାଜେଶର ପେଟକୁ ଭୁସି ଦେଇଥିଲା। ବାରମ୍ବାର ଆକ୍ରମଣ ଫଳରେ ତାଙ୍କ ପେଟରୁ ଅନ୍ତବୁଜୁଳା ବାହାରି ଆସିଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ଏସ୍‌ସିବି ମେଡିକାଲ ଅଣାଯାଇଥିଲା। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ରାତିରେ ମୃତ ରାଜେଶଙ୍କ ମାଆ ବନିତା ସାହୁଙ୍କ ଅଭିଯୋଗ ଆଧାରରେ ସଦର ଥାନା ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ଶ୍ୟାମ ପ୍ରଧାନକୁ ଗିରଫ କରିଛି। ଗାଡି ବ୍ୟବସାୟରେ ଜଡିତ ଅଭିଯୁକ୍ତ ଶ୍ୟାମ ଦୀର୍ଘ ବର୍ଷ ହେବ କଟକରେ ସପରିବାର ରହୁଛି। ଅତ୍ୟଧିକ କ୍ରୋଧାନ୍ୱିତ ହୋଇ ସେ ହତ୍ୟାକାଣ୍ଡ ଘଟାଇ ଥିବା ଏଡିସିପି ଶ୍ରୀ ମିଶ୍ର କହିଛନ୍ତି।

# ନିଖିଳ ଉତ୍କଳ ତୈଳିକ ବୈଶ୍ୟ ମହାସଭା




**କଟକ,୨୩।୧(ସମିସ):** ନିଖିଳ ଉତ୍କଳ ତୈଳିକ ବୈଶ୍ୟ ମହାସଭା ତଥା ଓଡିଶା ତୈଳିକ ବୁଦ୍ଧିଜୀବୀ ମଣ୍ଡଳୀର ବୈଠକ ଡଗରପଡାସ୍ଥିତ ତିଳି ସମିତିରେ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ପ୍ରଫେସର ଅନନ୍ତ ଚରଣ ସାହୁ ଅଧ୍ୟକ୍ଷତା କରିଥିଲେ। ପୁରୀ ବାଲିସାହିସ୍ଥିତ କୁବେର ଧର୍ମଶାଳାରେ ତୈଳିକ ସଭ୍ୟମାନେ ଆଶ୍ରୟ ନେବାପାଇଁ ପୁରୀ ମହାରାଜା ଓ ରାଜ୍ୟପାଳଙ୍କୁ ଭେଟି ତାହାର ବ୍ୟବସ୍ଥା କରିବାକୁ ଆଲୋଚନା କରାଯାଇଥିଲା। ଓଡ଼ିଶାର ସମସ୍ତ ତୈଳିକ ସଭ୍ୟଗଣଙ୍କୁ ଏକତ୍ରିତ କରିବା ଉଦ୍ଦେଶ୍ୟରେ ଭୁବେନଶ୍ୱରରେ ଏକ ସାଧାରଣ ବୈଠକର ଆୟୋଜନ କରିବା ପାଇଁ ମହାସଭାର ସଭାପତି ଓ ସମ୍ପାଦକଙ୍କୁ ନିବେଦନ କରାଯାଇଥିଲା। ଏହି ଅବସରରେ ମମତାରାଣୀ ସାହୁ ଓ ସାଥୀ ଜଗନ୍ନାଥ ଭଜନ ପରିବେଷଣ କରିଥିଲେ। ପୂର୍ବତନ ମନ୍ତ୍ରୀ ବିଜଲକ୍ଷ୍ମୀ ସାହୁ, ଡଃ ଉତ୍ତମ ସାହୁ, ଡଃ ସିଦ୍ଧାର୍ଥ ସାହୁ, ଡଃ ଆନନ୍ଦ ଚନ୍ଦ୍ର ସାହୁ, ଡଃ ପ୍ରକାଶ ଚନ୍ଦ୍ର ସାହୁ, ଇଂ ଦେବେନ୍ଦ୍ର ସାହୁ, ବାସୁଦେବ ସାହୁ, ସଂଗ୍ରାମ ସାହୁ,ଆଇନଜୀବୀ ବିଷ୍ଣୁ ସାହୁ ଓ ପ୍ରଶାନ୍ତ ସାହୁ, ହିମାଂଶୁ ସାହୁ, ମାୟାଧର ସାହୁ, ଚୌଦ୍ୱାରରୁ ନବ ସାହୁ, ଦୟାନିଧି ସାହୁ, ତ୍ରିଲୋଚନ ସାହୁ, ପ୍ରୟାଗରାଜ, କୁମୁଦିନୀ ସାହୁ, ରିନା ସାହୁ, ଲଳିତା ସାହୁ, ପ୍ରଫେସର ଅନନ୍ତ ଚରଣ ସାହୁ, ପୁଷ୍ପମିତ୍ରା ସାହୁ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ। ସରୋଜ ସାହୁ ଧନ୍ୟବାଦ ଦେଇଥିଲେ।

# ଦୋକାନରୁ ସିଲିଣ୍ଡର ଚୋରି

ସାଲେପୁର, ୨୩।୧ (ସମିସ): ଗତକାଲି ବିଳମ୍ବିତ ରାତ୍ରିରେ କେହି ଦୁର୍ବୃତ୍ତ ସାଲେପୁର ଶ୍ରୀଜଗନ୍ନାଥ ମନ୍ଦିର ନିକଟରେ ଥିବା ରଶ୍ମିରଞ୍ଜନ ସାମନ୍ତରାୟଙ୍କ ଜଳଖିଆ ଦୋକାନର ତାଲା ଭାଙ୍ଗି ୨ଟି ଏଚ୍‌ପି ଗ୍ୟାସ୍ ସିଲିଣ୍ଡର ଚୋରି କରିନେଇଥିବା ସାଲେପୁର ଥାନାରେ ଲିଖିତ ଅଭିଯୋଗ ହୋଇଛି। ପ୍ରକାଶ ଯେ ଲୁଣାହାର ଗ୍ରାମର ରଶ୍ମିରଞ୍ଜନ ସାମନ୍ତରାୟ ସାଲେପୁର ଜଗନ୍ନାଥ ମନ୍ଦିର ପାର୍ଶ୍ୱରେ ଏକ କ୍ୟାବିନ୍‌ରେ ଜଳଖିଆ ଦୋକାନ କରି ନିଜର ପରିବାର ପ୍ରତିପୋଷଣ କରିଆସୁଥିଲେ। ଗତକାଲି ବିଳମ୍ବିତ ରାତ୍ରିରେ କେହି ଦୁର୍ବୃତ୍ତ କ୍ୟାବିନ୍ କବାଟ ଭାଙ୍ଗି ୨ଟି ଗ୍ୟାସ୍ ସିଲିଣ୍ଡର ଚୋରି କରି ନେଇଥିବା ଜଣାଯାଇଛି। ସେହିପରି ୨୫ ଦିନ ତଳେ ମଧ୍ୟ ଏହି ଦୋକାନ ନିକଟରେ ଥିବା ଜୟନ୍ତ ବେହେରାଙ୍କର ଦୋକାନରୁ ମଧ୍ୟ ୨ଟି ସିଲିଣ୍ଡର ଚୋରି ହୋଇଥିବାର ଜଣାଯାଇଛି।

# ପ୍ରାଥମିକ ଶିକ୍ଷକ ଭବନର ନବୀକରଣ ଉଦ୍‌ଘାଟନୀ ଉତ୍ସବ



**ମାହାଙ୍ଗା, ୨୩।୧(ସମିସ):** ମାହାଙ୍ଗା ବ୍ଲକ ଗଙ୍ଗପୁରା ଠାରେ ଥିବା ଡ. ସର୍ବପଲ୍ଲୀ ରାଧାକ୍ରୀଷ୍ଣନ ପ୍ରାଥମିକ ଶିକ୍ଷକ ଭବନର ନବୀକରଣ କାର୍ଯ୍ୟର ଶୁଭ ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମାହାଙ୍ଗା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ରବୀନ୍ଦ୍ର ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ଉଦ୍‌ଘାଟକ ଓ ମୁଖ୍ୟଅତିଥିଭାବେ ପୂର୍ବତନ ମନ୍ତ୍ରୀ ତଥା ମାହାଙ୍ଗା ବିଧାୟକ ପ୍ରତାପ ଜେନା, ସମ୍ମାନିତ ଅତିଥି ଭାବେ ମାହାଙ୍ଗା ବ୍ଲକ ଅଧ୍ୟକ୍ଷା ଦୀପା ମଲ୍ଲିକ, ଉପାଧ୍ୟକ୍ଷ ସତ୍ୟନାରାୟଣ ମହାନ୍ତି, ପୂର୍ବତନ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ମଦନମୋହନ ମଲ୍ଲ, ଏବିଓ ସୋମନାଥ ରାମ, ଏବିଓ ସଂଯୁକ୍ତା ଭୋଇ, ଜିଲ୍ଲାପରିଷଦ ସଭ୍ୟ ମୁରସିଦ୍ ରିୟାଜୁଦ୍ ହୋଦା, ଜଗବନ୍ଧୁ ସେଠୀ, ସ୍ଥାନୀୟ ସରପଞ୍ଚ ସୁଜାତା ମଲ୍ଲିକ, ସମିତିସଭ୍ୟ ରେବତୀ ସେଠୀ ପ୍ରମୁଖ ଯୋଗଦେଇଥିଲେ। ସଂଘର ସାଧାରଣ ସମ୍ପାଦକ ରମେଶଚନ୍ଦ୍ର ଦାସ ସମ୍ପାଦକୀୟ ବିବରଣୀ ପାଠ କରିଥିଲା ବେଳେ ସିଆରସିସି ଭାସ୍କରଚନ୍ଦ୍ର ବେହେରା ଅତିଥି ପରିଚୟ ଓ ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘ ଉପସଭାପତି ରବୀନ୍ଦ୍ର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଶିକ୍ଷକ ଗୃହ ନବୀକରଣ କାର୍ଯ୍ୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଶିକ୍ଷକ ଅୟସକାନ୍ତ ସାମଲ ଓ ପଦ୍ମଲୋଚନ ସାହୁଙ୍କୁ ମୁଖ୍ୟଅତିଥି ଶ୍ରୀ ଜେନା ସମ୍ବର୍ଦ୍ଧିତ କରିଥିଲେ। ପରିଚାଳନାରେ ଅନ୍ୟମାନଙ୍କ ମଧ୍ୟରେ ସିଆରସିସି ମନୋଜ ଦାସ, ଅକ୍ଷୟ ସାହୁ, ରମାକାନ୍ତ ଦାସ, ସରଫୁଦ୍ଦିନ୍ ଖାଁ, କାର୍ତ୍ତିକଚନ୍ଦ୍ର ବେହେରା, ବାମଦେବ ସ୍ୱାଇଁ, ଅମରପ୍ରସାଦ ଜେନା, ନଳିନୀ ପ୍ରଭା ସେନାପତି, ସତ୍ୟବ୍ରତ ରଥ, ଅଦୈତ୍ୟବଲ୍ଲଭ ରାଉତ, ଶ୍ୟାମସୁନ୍ଦର ନାୟକଙ୍କ ସମେତ ଶିକ୍ଷକ ପରୀକ୍ଷିତ ନାୟକ, ମାଗୁଣି ଚରଣ ସାମଲ, ଭାରତଭୂଷଣ ଦାସ, ଜ୍ୟୋତିପ୍ରକାଶ ନାଥ, ପୁରୁଷୋତ୍ତମ ସେଠୀ, ରାକେଶ ରଞ୍ଜନ ପଣ୍ଡା, ପ୍ରଶାନ୍ତ ମହାନ୍ତି, ଭାଗବତ ବେହେରା, ଗୌରାଙ୍ଗ ଜେନା, ସୁକାନ୍ତ ବେହୁରା, ସବିତା ବିଶ୍ୱାଳ, ମମତା ବେହୁରା ପ୍ରମୁଖଙ୍କ ସମେତ ବହୁ ଶିକ୍ଷକ ସଂଗଠନର କର୍ମକର୍ତ୍ତା ଓ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

# ବିଜେଡିର ମିଶ୍ରଣ ପର୍ବ



ମାହାଙ୍ଗା, ୨୩।୧(ସମିସ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନ ଓ ମାହାଙ୍ଗା ବିଧାୟକ ପ୍ରତାପ ଜେନାଙ୍କ ନେତୃତ୍ୱ ପ୍ରତି ଆସ୍ଥା ପ୍ରକଟ କରି ଆଜି ରାହାଣିଆ ପଞ୍ଚାୟତର କଂଗ୍ରେସ କର୍ମୀ ଅଳିଯୋଡା ସ୍ଥିତ ବିଧାୟକଙ୍କ ବାସଭବନରେ ବିଜେଡିରେ ଯୋଗଦେଇଛନ୍ତି। ବିଧାୟକ ଶ୍ରୀ ଜେନାଙ୍କ ଉପସ୍ଥିତିରେ କଂଗ୍ରେସ ଦଳ ଛାଡିଥିବା ଜୟନ୍ତୀ ସାହୁଙ୍କ ସମେତ ଅନ୍ୟମାନେ ବିଜେଡିରେ ସାମିଲ ହୋଇଛନ୍ତି।

# ପାନୀୟ ଜଳ ପ୍ରକଳ୍ପର ଶିଳାନ୍ୟାସ




ଆଠଗଡ଼, ୨୩।୧(ସମିସ): ଆଠଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦର ୧୮ଟି ୱାର୍ଡକୁ ଘରେ ଘରେ ପାନୀୟ ଜଳ ଯୋଗାଣ ପାଇଁ ପ୍ରକଳ୍ପର ଶିଳାନ୍ୟାସ ସ୍ଥାନୀୟ ରାଧାପ୍ରସନ୍ନପୁର ଠାରେ ହୋଇଯାଇଛି। ଆଠଗଡ଼ ବିଧାୟକ ତଥା ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ୨୯.୯୪ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ଏହି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ମହାନଦୀର ଫୁଲବାଡି ଠାରୁ ଏହି ପାନୀୟଜଳ ଉତ୍ତୋଳନ କରାଯାଇ ବିଜ୍ଞାପିତ ଅଞ୍ଚଳ ପରିଷଦକୁ ଯୋଗାଇ ଦିଆଯିବ। ଆଠଗଡ଼ର ୨୦ ହଜାର ୨୨୬ ଜଣ ଜନସାଧାରଣ ୩୬୧୦ଟି ପାଣି ସଂଯୋଗ ମାଧ୍ୟମରେ ଏହାର ଲାଭ ପାଇପାରିବେ ବୋଲି କୁହାଯାଉଛି। ଦେଢବର୍ଷ ମଧ୍ୟରେ ଏହି କାର୍ଯ୍ୟ ସାରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ୨୪ ଘଣ୍ଟା ବିଶୁଦ୍ଧ ପାନୀୟଜଳ ଯୋଗାଣ ପାଇଁ ଅଶୋକ ନଗର ଠାରେ ୩ ଲକ୍ଷ ଲିଟର, ଆଠଗଡ଼ ଷ୍ଟାଡିୟମ ଠାରେ ୪.୫୦ ଲକ୍ଷ ଲିଟର ଏବଂ ଆଠଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ ଠାରେ ୭ ଲକ୍ଷ ଲିଟର ପାଣି ଗଚ୍ଛିତ ରହିବ ବୋଲି କୁହାଯାଉଛି। ଆଜିର ଏହି କାର୍ଯ୍ୟକ୍ରମରେ ଆଠଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦର ସମସ୍ତ କାଉନସିଲର, ସହରୀ ବିକାଶ ପ୍ରକଳ୍ପ ନିର୍ଦ୍ଦେଶକ ହେମନ୍ତ ସ୍ୱାଇଁ, ସହକାରୀ ମୁଖ୍ୟଯନ୍ତ୍ରୀ ଅରବିନ୍ଦ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ନରସିଂହପୁର କପ୍ ଫାଇନାଲରେ ଜୁଭେନାଇଲ କ୍ଲବ୍

ନରସିଂହପୁର, ୨୩।୧ (ସମିସ): ନରସିଂହପୁର ବାର ଆସୋସିଏସନର ସଭାପତି ବିଭୁଦତ୍ତ ମିଶ୍ର, ନରସିଂହପୁର ୧୭ ନମ୍ବର ଜୋନର ଜିଲ୍ଲା ପରିଷଦ ଅଜୟ ପଣ୍ଡା, କାଇଜେନ୍ ବିଦ୍ୟାଳୟର ଅଧ୍ୟକ୍ଷ ଚିତ୍ତରଞ୍ଜନ ଭୂୟାଁ, ସାମ୍ବାଦିକ ତଥାଗତ ବିଶ୍ୱାଳ, ଅଳରା ସରପଞ୍ଚ ନିରୋଦ ନାୟକ ଏବଂ ନୂଆପାଟଣା ସରପଞ୍ଚ ମାନସ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। କଟକ ଦଳ ପ୍ରଥମ ବ୍ୟାଟିଂ କରି ୨୦ ଓଭରରେ ୭ ୱିକେଟ ହରାଇ ୧୬୮ ରନ ସଂଗ୍ରହ କରିଥିଲା। ଏହାର ଜବାବରେ ତାଳଚେର ୨୦ ଓଭରରେ ୪ ୱିକେଟ୍ ହରାଇ ୧୪୭ ରନ କରିଥିଲା। କଟକ ଦଳ ପକ୍ଷରୁ ମାନବ ଭଟ୍ଟାଚାର୍ଯ୍ୟ ମ୍ୟାନ ଅଫ ଦ ମ୍ୟାଚ୍ ମନୋନୀତ ହୋଇଥିଲେ। ଆଜିର ମ୍ୟାଚକୁ ଦ୍ୱିଜେନ୍ଦ୍ର ଘୋଷ ଓ ଛାୟାକାନ୍ତ ଦ୍ୱିବେଦୀ ପରିଚାଳନା କରିଥିବାବେଳେ ବିନାୟକ ପ୍ରଧାନ, ଶେଖ ସବିବ, ହରୁନ୍ ଖାଁ, ଦୌଲତ ଖାଁ, ଗଙ୍ଗା ନାୟକ, ଅକ୍ଷୟ ସାହୁ, ମାଗବୁଲ ଖାଁ, ରମିଜ୍ ଖାଁ, ବନିଲ୍ ସାହୁ, ରାକେଶ ନାୟକ, ପୁପୁନ ସ୍ୱାଇଁ, ରାଜା ମ୍ୟାଚ୍ ପରିଚାଳନା କରିବାରେ ସହଯୋଗ କରିଥିଲେ।

■ ଅକ୍ଷୟ ମଲ୍ଲିକ ଓ ସଦାଶିବ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ଫାଇନାଲରେ ଢେଙ୍କାନାଳର ମା' ମଙ୍ଗଳା ଟିମ୍



ତିଗିରିଆ, ୨୩।୧(ସମିସ): ତିଗିରିଆ ବ୍ଲକ ପାଞ୍ଚଗାଁସ୍ଥିତ ମିନି ଷ୍ଟାଡିୟମ ଠାରେ ପାଞ୍ଚଗାଁ ଆଞ୍ଚଳିକ ଆଥଲେଟିକ ଆସୋସିଏସନ (ପିଏଏ) ଦ୍ୱାରା ଆୟୋଜିତ ଅକ୍ଷୟ ମଲ୍ଲିକ ଓ ସଦାଶିବ ସ୍ମାରକୀ ଆନ୍ତଃରାଜ୍ୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ମଙ୍ଗଳବାର ଆୟୋଜିତ ୨ୟ ସେମିଫାଇନାଲ ମ୍ୟାଚ୍‌ରେ ଯୁବଜ୍ୟୋତି କ୍ଲବ, ପଙ୍କାଳ (କଟକ) ଦଳକୁ ୨-୧ ଗୋଲରେ ପରାସ୍ତ କରି ଢେଙ୍କାନାଳ ବନମାଳୀ ପ୍ରସାଦର ମା'ମଙ୍ଗଳା ଫୁଟବଲ ଟିମ୍ ଫାଇନାଲ ରାଉଣ୍ଡରେ ପ୍ରବେଶ କରିଛି। ମୁଖ୍ୟଅତିଥି ଭାବେ ଆଠଗଡ଼ ଏନଏସି ଅଧ୍ୟକ୍ଷା ସସ୍ମିତା ରାଉତ, ସମ୍ମାନିତ ଅତିଥି ରୂପେ ଦଧିବାମନ ଜୀଉ ବିଦ୍ୟାପୀଠର ପ୍ରଧାନଶିକ୍ଷକ ରବୀନ୍ଦ୍ରନାଥ ବିଶ୍ୱାଳ, ପୂର୍ବତନ ସରପଞ୍ଚ ସନ୍ତୋଷ କୁମାର ସିଂହ ସାମନ୍ତ, ପୂର୍ବତନ ସମିତିସଭ୍ୟ ସରୋଜ ଦାଶ, ଯୁଗଳ କିଶୋର ଦାସ, ରୁଷିଆ ସ୍ୱାଇଁ ପ୍ରମୁଖ ଯୋଗଦେଇ ଉଭୟ ଦଳର ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

# ବିଭିନ୍ନ ସ୍ଥାନରେ ନେତାଜୀ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ


ଟାଙ୍ଗୀ



ବାଙ୍କୀ: ଆଦର୍ଶ ଯୁବ ପରିଷଦ


ବାଙ୍କୀ କଲେଜ


କଟକ: ପବ୍ଲିକ ସ୍କୁଲ

**ଟାଙ୍ଗୀ, ୨୩।୧(ସମିସ):** ଦୁଇ ମହାନ ସ୍ୱାଧୀନତା ସଂଗ୍ରାମୀ ତଥା ଦେଶଭକ୍ତ, ମୁକ୍ତି ସଂଗ୍ରାମର ଅବିସ୍ମରଣୀୟ ଯୋଦ୍ଧା ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ କଟକ ଜିଲ୍ଲା ଟାଙ୍ଗୀ ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନରେ ମଙ୍ଗଳବାର ପାଳିତ ହୋଇଯାଇଛି। କହ୍ନେଇପୁର ପଞ୍ଚାୟତ ଆଞ୍ଜୁଆ ସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ପରିସରରେ ଆୟୋଜିତ ଉତ୍ସବରେ ଅଧ୍ୟକ୍ଷା ଶ୍ରଦ୍ଧାଞ୍ଜଳି ମହାପାତ୍ର ପୌରୋହିତ୍ୟ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା ଓ ସ୍ଲୋଗାନ ପ୍ରତିଯୋଗିତା କରାଯାଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସହକାରୀ ଶିକ୍ଷୟିତ୍ରୀମାନେ ସହଯୋଗ କରିଥିଲେ। ସେହିପରି ଶାଳଗାଁ ପଞ୍ଚାୟତ ବମ୍ଭରି ପ୍ରାଥମିକ ବିଦ୍ୟାଳୟ ପରିସରରେ ଆୟୋଜିତ ଉତ୍ସବରେ ପ୍ରଧାନ ଶିକ୍ଷୟିତ୍ରୀ ସଞ୍ଜିତା ଦେହୁରୀ ପୌରୋହିତ୍ୟ କରିଥିଲେ। ସହକାରୀ ଶିକ୍ଷକ ଧିରେନ ଜେନା, ଅଙ୍ଗନବାଡ଼ି କର୍ମୀ ସୁଷମା ମଞ୍ଜରୀ ସ୍ୱାଇଁ ଓ ସହାୟିକା ମୋହିନୀ ଦେଇ ଉପସ୍ଥିତ ରହିଥିଲେ।

**ବାଙ୍କୀ :** ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଜନ୍ମ ଦିବସ ପାଳନ ଅବସରରେ ଏକ ପୂର୍ଣ୍ଣାୟବ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଯାଇଛି। ଏହି ପ୍ରତିମୂର୍ତ୍ତିକୁ ଅଧ୍ୟକ୍ଷ କ୍ୟାପଟେନ୍ ଭବାନୀ ପ୍ରସାଦ ହୋତା ଲୋକାର୍ପଣ କରିଥିଲେ। ସମ୍ମାନୀତ ଅତିଥି ଭାବେ କଲେଜ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ ମହାପାତ୍ର, ବାଙ୍କୀ ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ସଭାପତି ସୁନୀଲ ମିଶ୍ର, ପ୍ରଶାସନିକ ଅଧିକାରୀ ଡ. ଶୈଳେନ୍ଦ୍ର ଚନ୍ଦ୍ର ଦେଓ, ଅଧ୍ୟାପକ ଯୋଗୀନାଥ ମଲ୍ଲିକ, କବି ବଂଶୀଧର ମହାପାତ୍ର, ଡ. ଅଭିମନ୍ୟୁ ରଣା, କ୍ୟାପଟେନ୍ ଗୁରୁବାରୀ ସାହୁ, ମେଜର ଡ. ସନ୍ଧ୍ୟାରାଣୀ ମହାନ୍ତି, ପ୍ରାଧ୍ୟାପକ ମନୋରଞ୍ଜନ ସାହୁ, ଅଧ୍ୟାପକ ଆଶିଷ ପାଢ଼ୀ ପ୍ରମୁଖ ଯୋଗଦେଇଥିଲେ। ପୁରାତନ ଛାତ୍ର ସଂସଦର ସମ୍ପାଦକ ବୃନ୍ଦାବନ ପ୍ରଧାନ ସଭା ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

**ବାଙ୍କୀ :** ବାଙ୍କୀ ଏନ୍‌ଏସି ଅନ୍ତର୍ଗତ ଚକାପଦା ଗ୍ରାମସ୍ଥ ଆଦର୍ଶ ଯୁବ ପରିଷଦ ତରଫରୁ ଯୁବଭବନ ଠାରେ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଅନୁଷ୍ଠାନର ଆବାହକ ଅକ୍ଷୟ ସାମଲଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଜୟନ୍ତୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବାଙ୍କୀ କଲେଜ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ ମହାପାତ୍ର, ସମ୍ମାନୀତ ଅତିଥି ଭାବେ କବି ଲଲାଟେନ୍ଦୁ ପଣ୍ଡା, ଅର୍ଜୁନ ଭୋଇ, ଚନ୍ଦ୍ରମଣି ବେହେରା ଓ ସନ୍ତୋଷ ନାୟକ ପ୍ରମୁଖ ଯୋଗଦାନ କରି ନେତାଜୀଙ୍କ ଆଦର୍ଶ ନୀତି ଉପରେ ଆଲୋକପାତ କରିଥିଲେ। ଅକ୍ଷୟ କୁମାର ସାମଲ ଧନ୍ୟବାଦ ଦେଇଥିଲେ।

**କଟକ :** କଟକ ସଦର ବ୍ଲକ ଅନ୍ତର୍ଗତ ବିରିବାଟି ସ୍ଥିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ପବ୍ଲିକ ସ୍କୁଲରେ ନେତାଜୀ ଜୟନ୍ତୀ ପାଳିତ ହୋଇଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ସୀତାକାନ୍ତ ପଣ୍ଡାଙ୍କ ସଭାପତିତ୍ୱରେ ଅତିଥି ଭାବରେ କଟକସଦର କଂଗ୍ରେସର ସଭାପତି ରାମଚନ୍ଦ୍ର ଗୋଛାୟତ ମୁଖ୍ୟଅତିଥି, ସମାଜସେବୀ ତଥା ଆଇନଜୀବୀ ଆଲୋକ ନନ୍ଦ ମୁଖ୍ୟବକ୍ତା ଓ ସମାଜସେବୀ ନିରଞ୍ଜନ ଲେଙ୍କା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅନୁଷ୍ଠାନର ଉପସଭାପତି ଆଇନଜୀବୀ ବୈଦ୍ୟନାଥ ବେହେରା ବିବରଣୀ ପ୍ରଦାନ କରିଥିଲେ। ସୀତାକାନ୍ତ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିବା ସହିତ ସ୍ୱାଗତ ଭାଷଣ ଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ବିଶ୍ୱନାଥ ରଥ ଧନ୍ୟବାଦ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ଅଭିଭାବକ, ପୂର୍ବତନ ଛାତ୍ରଛାତ୍ରୀ, ସ୍ଥାନୀୟ ବୁଦ୍ଧିଜୀବୀ ଓ ବହୁ ଶୁଭେଚ୍ଛୁ ଯୋଗଦେଇଥିଲେ।

**ସାଲେପୁର :** ଅଟଳ ସେନା, ଓଡ଼ିଶା ପକ୍ଷରୁ ସାଲେପୁରସ୍ଥିତ ମା'ଜାଗୁଲାଇ ପୀଠରେ ସ୍ୱାଭିମାନ ଦିବସ ଅଟଳ ସେନାର ମଣ୍ଡଳ ସଭାପତି ତପନ କୁମାର ଭୂୟାଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଅଟଳ ସେନାର ରାଜ୍ୟ ସଭାପତି ଦିବାକର ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବରେ ଶିକ୍ଷାବିତ୍ ବିପିନ ବିହାରୀ କର, ମୁଖ୍ୟବକ୍ତା ଭାବରେ ଅଟଳ ସେନା ଚିନ୍ତନ ପରିଷଦର ଉପାଧ୍ୟକ୍ଷ ପ୍ରଫେସର ପ୍ରଭାତ କିଶୋର ନାୟକ, ବିଶିଷ୍ଟ ଅତିଥି ସେନାର ଉପଦେଷ୍ଟା ଅଧ୍ୟାପକ ବଳାଇ ଚରଣ ନାୟକ ଯୋଗଦେଇଥିଲେ। ଉକ୍ତ ଉତ୍ସବରେ ଅଟଳ ସେନାର ସଂଗଠନ ସମ୍ପାଦକ ରବୀନ୍ଦ୍ର ବେହେରା, ମହିଳା ସଂଘ ସମ୍ପାଦିକା ବିଜୟିନୀ ନାୟକ, ରମେଶ ଚନ୍ଦ୍ର ନାଥ, ହରେକୃଷ୍ଣ ସାମଲ, ଦ୍ରୁପଦ ସ୍ୱାଇଁ, ଯୁବ ସଂଘ ସମ୍ପାଦକ ସନ୍ତୋଷ ସାମଲ, ହିମାଦ୍ରୀ ଭୂଷଣ ମିଶ୍ର, ପ୍ରଶାନ୍ତ ସେଠୀ, କୌଶଲ୍ୟା ରାଉତ, ଫଗୁଚରଣ ଦାସ, ଅଶୋକ କାଣ୍ଡି, ଶରତ ପରିଜା, ତୁଷାରକାନ୍ତି ଭୂୟାଁ, କଳ୍ପତରୁ ମଲ୍ଲିକ, ଧନେଶ୍ୱର ସାମଲ, ସୁବ୍ରତ ବେହେରା, ରାଜେଶ୍ୱର କାଣ୍ଡି, କ୍ଷୀରୋଦ ବାରିକ, କୃଷ୍ଣଚନ୍ଦ୍ର ବାରିକ, କେଶବ ସେଠୀ, ସଞ୍ଜୁଲତା ବେହେରା ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଶେଷରେ କାର୍ଯ୍ୟକାରୀ କମିଟି ସଭ୍ୟ ରବିନାରାୟଣ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

## ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ



**ଫୁଲନଖରା :** ସ୍ୱାଧୀନତା ଆନ୍ଦୋଳନର ଅନନ୍ୟ ସଂଗ୍ରାମୀ ତଥା ଆଜାଦହିନ୍ଦ୍ ଫୌଜର ନିର୍ମାତା ନେତାଜୀ ସୁଭାଷଚନ୍ଦ୍ର ବୋଷଙ୍କ ଜୟନ୍ତୀ ଅବସରରେ ଫୁଲନଖରା ଛକସ୍ଥିତ ନେତାଜୀଙ୍କ ପ୍ରତିମୂର୍ତ୍ତି ନିକଟରେ ବିଭିନ୍ନ ସଂଗଠନ ତରଫରୁ ନେତାଜୀ ଜୟନ୍ତୀ ପାଳନ ହୋଇଯାଇଛି। ମାଲ୍ୟାର୍ପଣ ଓ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ୧୬ନଂ ଜାତୀୟ ରାଜପଥର ଫୁଲନଖରା ଠାରେ ୨୦୦୩ ମସିହାରୁ ନିର୍ମିତ ଏହି ପ୍ରତିମୂର୍ତ୍ତିରେ ପ୍ରତ୍ୟେକ ବର୍ଷ ଭଳି ନେତାଜୀ ଜୟନ୍ତୀରେ ବହୁ ଅନୁଷ୍ଠାନର ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଉପସ୍ଥିତ ହୋଇ ମାଲ୍ୟାର୍ପଣ କରିଥିଲେ। ସ୍ୱାଧୀନଚେତା ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଉତ୍କଳ ସାହିତ୍ୟ ସମାଜର ଉପସଭାପତି ସୁନାମଣି ରାଉତ, କଟକ ଜିଲ୍ଲା ବିଜେପି ମୋର୍ଚ୍ଚା ସଭାପତି ପ୍ରଦୀପ ବେହେରା, ଯୁବନେତା ପ୍ରଶାନ୍ତ ମହାନ୍ତି, ଗାୟକ ଆହ୍ଲାଦ ସୁରେନ୍ଦ୍ର ନାଥ ଛୋଟରାୟ, କଟକ ସଦର ବିଜେପି ସଂଯୋଜକ ହୃଷିକେଶ ଜେନା, ନୀରଦ ଚନ୍ଦ୍ର ଆର୍ଯ୍ୟ, ପ୍ରତାପ ରାଉତରାୟ, କେଦାରନାଥ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗଗନ ବିହାରୀ ପାଢ଼ୀ, ସୁକୁମାର ବିଶ୍ୱାଳ, ହେମନ୍ତ ସାହୁ, କୃଷ୍ଣଚନ୍ଦ୍ର ଭୋଇ ଓ ଯୁଗଳ କିଶୋର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

**ଆଠଗଡ଼ :** ଆଠଗଡ଼ ବିକାଶ ପରିଷଦ ପକ୍ଷରୁ ସ୍ଥାନୀୟ ବିଶ୍ୱନାଥ ବିଦ୍ୟାପୀଠରେ ନେତାଜୀ ସୁବାଷ ବୋଷ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପରିଷଦ ସଭାପତି ରାମନାରାୟଣ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ ଶରତ ଚନ୍ଦ୍ର ସାମନ୍ତ, ସ୍କୁଲର ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ସ୍ୱାଇଁ, ପୂର୍ବତନ ଗ୍ରନ୍ଥାଗାରିକ ସୁବାସ ଚନ୍ଦ୍ର ରାଉତ ଅତିଥି ଭାବରେ ଯୋଗଦେଇ ନେତାଜୀଙ୍କ ଫଟୋ ଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ ପୂର୍ବକ ପ୍ରଦୀପ ପ୍ରଜ୍ଜ୍ୱଳନ କରି ନିଜର ବକ୍ତବ୍ୟ ରଖିଥିଲେ।

**ନିଆଳି :** ମହାନ ଜନନାୟକ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ନିଆଳି ବ୍ଲକର ବିଭିନ୍ନ ସ୍ଥାନରେ ପାଳିତ ହୋଇଯାଇଛି। ଏହି ବ୍ଲକ ଅନ୍ତର୍ଗତ କୃଷ୍ଣପ୍ରସାଦ ପଞ୍ଚାୟତ ସ୍ଥିତ ବିଶ୍ୱନାଥ ବିଦ୍ୟାପୀଠରେ ଅନୁଷ୍ଠିତ ଉତ୍ସବରେ ପ୍ରଧାନଶିକ୍ଷକ ନିରଞ୍ଜନ ପରିଡ଼ା ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ନିଆଳି ବ୍ଲକର ପୂର୍ବତନ ଅଧ୍ୟକ୍ଷ ନ୍ୟାୟବ୍ରତ ରାଉତ ଯୋଗଦେଇଥିଲେ। ସମାଜସେବୀ ଚୈତନ୍ୟ ମଲ୍ଲିକ ଓ ପୁରାତନ ଛାତ୍ର ସଂସଦ ସଭାପତି ତୋଫାନ ପ୍ରଧାନ, ଶିକ୍ଷକ ଶିବ ଚରଣ ଜେନା, ରେଣୁବାଳା ଆଚାର୍ଯ୍ୟ, ପ୍ରସନ୍ନ ବେହେରା, ବିଭୁଦତ୍ତ ସ୍ୱାଇଁ, ଶିଖର ପୁହାଣ ପ୍ରମୁଖ ସେମାନଙ୍କ ଅଭିଭାଷଣ ପ୍ରଦାନ କରିଥିଲେ। ସେହିପରି ଜଲ୍ଲାରପୁର ପଞ୍ଚାୟତ ସ୍ଥିତ ରାମେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟରେ ନେତାଜୀ ଜୟନ୍ତୀ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ଭୀମସେନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଶିକ୍ଷକ ରଶ୍ମିରଞ୍ଜନ ନିଶଙ୍କ, ଶଶାଙ୍କ ଶେଖର ସାହୁ, କମଳା ଦେଇ, ଦେବବ୍ରତ ସାହୁ, ମାନସୀ ସ୍ୱାଇଁ, ମାନସ ନାୟକ ପ୍ରମୁଖ ଯୋଗଦେଇଥିଲେ। ସେହିପରି ନିଆଳି ସରକାରୀ ହାଇସ୍କୁଲରେ ଅନୁଷ୍ଠିତ ଉତ୍ସବରେ ପ୍ରଧାନଶିକ୍ଷକ ଅଶୋକ ମହାପାତ୍ର ସଭାପତିତ୍ୱ କରିଥିବା ବେଳେ ନିଳମଣୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଧନଞ୍ଜୟ ମଲ୍ଲିକ ସଭାପତିତ୍ୱ କରିଥିଲେ।

**ବାଙ୍କୀ :** ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳନ ଅବସରରେ ବାଙ୍କୀ ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ପରିସରରେ ସୁଭାଷ ଚନ୍ଦ୍ର ବୋଷଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ସ୍କୁଲର ଛାତ୍ରଛାତ୍ରୀମାନେ ଏହି ପରିପ୍ରେକ୍ଷୀରେ ସ୍କୁଲରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ବାଙ୍କୀ ସହର ପରିକ୍ରମା କରିବା ସହିତ ଥାନା ପରିସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସ୍କୁଲ ପରିଚାଳନା କମିଟି ସଭାପତି ରଞ୍ଜନ ସାମନ୍ତରାୟ, ସମ୍ପାଦକ ତାପସ ଦାଶ, ପ୍ରଧାନଆଚାର୍ଯ୍ୟ ଶରତ ପଣ୍ଡା, ସଂକୁଳ ପ୍ରମୁଖ ଧରଣୀଧର ସାହୁ, ବରିଷ୍ଠ ଶିକ୍ଷକ ନରେଶଚନ୍ଦ୍ର ମନ୍ତ୍ରୀ, ପ୍ରସନ୍ନ ନାୟକ, ମିନାକ୍ଷୀ ସାହୁ, ସୂର୍ଯ୍ୟମଣି ଦାଶ, ବୈଦେହୀ ସାମନ୍ତ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସାମିଲ୍ ହୋଇ ଛାତ୍ରଛାତ୍ରୀଙ୍କ ସହିତ ଶୋଭାଯାତ୍ରାରେ ପରିକ୍ରମା କରିଥିଲେ। ବାଙ୍କୀ ଥାନା ପକ୍ଷରୁ ସ୍କୁଲର ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀଙ୍କୁ ଅଭିନନ୍ଦନ ଜ୍ଞାପନ କରିଥିଲେ।

**ବାଙ୍କୀ :** ବାଙ୍କୀ ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠ ପରିସରରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୩୬ତମ ଜୟନ୍ତୀ ପାଳନ କରାଯାଇଥିଲା। ବି.କେ.ବିଦ୍ୟାପୀଠର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ, ଅବସରପ୍ରାପ୍ତ ଶିକ୍ଷକ ପଣ୍ଡିତ ନଗେନ୍ଦ୍ର ମହାପାତ୍ର, ଶିକ୍ଷକ ଅଜୟ ଦୀକ୍ଷିତଙ୍କ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ସମସ୍ତ କର୍ମଚାରୀ ବୃନ୍ଦ ଉପସ୍ଥିତ ରହି ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।


ବାଙ୍କୀ ସରସ୍ୱତୀ ଶିଶୁବିଦ୍ୟାମନ୍ଦିର


ବାଙ୍କୀ: ବି.କେ ବିଦ୍ୟାପୀଠ



ସାଲେପୁର: ଅଟଳ ସେନା


ନିଆଳି


ଆଠଗଡ଼ ବିକାଶ ପରିଷଦ

